# Akashvani, Sambalpur

# SAMBALPURI NEWS MORNING BULLETIN

## 3 March 2026 - 6.47- 6.52 am.

---

ମଧ୍ୟପ୍ରାଚ୍ୟ ଯୁଦ୍ଧ-ଉଚ୍ଚସ୍ତରୀୟବୈଠକ୍     ଆଇ.ଆଣ୍ଡ୍.ପି.ଆର

ମଧ୍ୟପ୍ରାଚ୍ୟ ନ ଯୁଦ୍ଧ ସ୍ଥିତି ଭିତ୍‌ରେ ସେନ ରହୁଥିବା ପ୍ରବାସୀ ଓଡ଼ିଆମାନ୍‌କର ସ୍ଥିତି ଆଉ ସୁରକ୍ଷାକେ ନେଇକରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ସ୍ଥିତିକେ ନଜର୍‌ଥି ରଖିକରି ତୟାର୍ ରହେବାର୍ ସହେତେ ସମିଆଜାନି ଉଚିତ୍ ପଦକ୍ଷେପ୍ ନେବାର୍‌କେ ମୁଖ୍ୟ ଶାସନ ସଚିବ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରବାସୀ ଓଡ଼ିଆଙ୍କର ସୁରକ୍ଷା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ରାଜ୍ୟ ଗୃହ ବିଭାଗ, ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କର ସୁରକ୍ଷା ଲାଗି କାମ୍ କରୁଥିବା ସଂସ୍ଥା ମିଶିକରି କାମ୍ କରୁଛନ୍ । ସେଆଡ଼େ ସାହାଜ୍ ଲାଗି ବୈଦେଶିକ ମନ୍ତ୍ରଣାଳୟ ତରଫୁ ୨୪ ଘଂଟିଆ ଟୋଲ୍-ଫ୍ରି ନମ୍ବର ୮୦୦-

୪୬୩୪୨ ଆଉ ହ୍ୱାଟ୍ସ ଆପ୍ ନମ୍ବର ୯୭୧୫-୪୩୦୯-୦୫୭୧ ଜାରି କରାଯାଇଛେ ବଲି ବୈଠକ୍ ନ ସୂଚ୍ନା ଦିଆଯାଇଛେ। ବୈଠକ୍ଥି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ସହେତେ ଭିନ୍ ଭିନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ।

ରତ୍ନ ଅଲଙ୍କାର ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର୍ ରତ୍ନ ଅଲଙ୍କାର ଗନ୍ତି ମନ୍ତି କାମ୍ ଆଏବା ୨୫ ତାରିଖ୍ ଚଇତ୍ ମାସର୍ ଉଜଲ୍ ପଖର୍ ସପ୍ତମୀ ତିଥିନୁ ମୁଲ୍ କରାଯିବା। ଇ ବାବ୍ଦେ ଗଲାକାଏଲ୍ ହେଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର୍ ବୈଠକ୍ଥି ନିଷ୍ପତି ନିଆଯାଇଛେ। ରାଜ୍ୟ ସରକାରଙ୍କର ଅନୁମୋଦିତ୍ ମାର୍ଗଦର୍ଶିକା ଅନ୍ସାରେ ସବୁ କାମ୍ ଶୃଙ୍ଖଲିତ୍ ଭାବେ କରାଯିବା। ଖାସ୍ ପରବ୍ ଆଉ ଶନିବାର, ରଏବାର୍ ଦିନ ଗନ୍ତି ମନ୍ତି ବନ୍ଦ ରଖ୍ବାର୍କେ ବୈଠକ୍ଥି ନିଷ୍ପତି ନିଆଯାଇଛେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍...

(ଭଏସ୍-ଅରବିନ୍ଦ ପାଢ଼ୀ)

ବୈଠକ୍‌ଥି ମାହାପୁରଙ୍କର୍ ନୂଆ ରତ୍ନ ପଲଙ୍କ ତିଆର୍, ଶ୍ରୀଗୁଣ୍ଡିଚା ମନ୍ଦିର ଦ୍ୱାର ଫିଟା, ମାହାପୁରୁଙ୍କର ଜମି ଜମା ସମସ୍ୟା ବାଗିର୍ ବହୁତ୍‌ଟେ ପ୍ରସଙ୍ଗଥି ନିଷ୍ପତି ନିଆଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କର ସହେତେ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଆଉ ଅଲ୍‌ଗାମାନେ ଉପସ୍ଥିତ ଥିଲେ ।

ଚନ୍ଦ୍ରଗ୍ରହଣ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍ଷର୍ ପହେଲା ଚନ୍ଦ୍ରଗ୍ରହଣ୍ ଆଏଜ୍ ହେଉଛେ । ଇଥର ଚନ୍ଦ୍ର କେତୁଗ୍ରସ୍ତ ହେବେ । ଗ୍ରହଣ୍ ସମିଆ ସଖାଲର୍ ୬ ବାଜିକରି ୨୦ ମିନିଟ୍‌ନୁ ସଞ୍ଜବେଲର୍ ୬ ବାଜିକରି ୪୭ ମିନିଟ୍‌ତକ୍ ରହେବା । ଇ ସମିଆ ଭିତ୍‌ରେ ପାକନୀତି ଆଉ ଦେବନୀତି ନିଷିଦ୍ଧ ରହିଛେ । ଦିନର୍ ୩ ବାଜିକରି ୨୦ ମିନିଟ୍‌ଥି ଗ୍ରହଣ୍ ଲାଗ୍‌ବା । ୫ ବାଜିକରି ୪ ମିନିଟ୍‌ଥି ମଧ୍ୟଗ୍ରହଣ ଆଉ ଆଉ ୬ ବାଜିକରି ୪୭ ମିନିଟ୍‌ଥି ଗ୍ରହଣ ସର୍ବମୋକ୍ଷ ହେବା ।

ଚନ୍ଦ୍ରଗ୍ରହଣ୍‌କେ ନଜର୍‌ଥି ରଖିକରି ପୁରୀ ଶ୍ରୀମନ୍ଦିର୍ ନ ଦୋଳ ପୂର୍ଣ୍ଣିମା ଅବ୍‌ସରେ ଆଏଜ୍ ସ୍ୱତନ୍ତ୍ର ନୀତିକାନ୍ତି କରାଯାଉଛେ । ଗ୍ରହଣ ମୋକ୍ଷ ହେବାର୍ ଉତ୍‌ରୁ ମାହାପୁରମାନେ ସୁନାବେଶଥି ଦର୍ଶନ୍ ଦେବେ । ମାହାପୁରମାନ୍‌ଙ୍କୁ ଅବିର ଆଉ ଝିମିର ଫଗୁ ଲାଗି କରାୟିବାର୍ ସହେତେ ଦୁଲିଥି ଝୁଲ୍‌ବେ ।

ସେଆଡ଼େ ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ନ ଭିଲ୍ ନୀତିକାନ୍ତିଥି ପରିବର୍ତନ୍ କରାଯାଇକରି ମା'ଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହିଛେ ।

ମହିଳା ଅଭିଯୋଗ ଶୁଣାଣି ଆଇ.ଆଣ୍ଡ୍.ପି.ଆର

ମହିଳାଙ୍କର୍ ଘରୋଇ ହିଂସା, କାର୍ଯ୍ୟସ୍ଥଲ ନ ନିର୍ଯାତନା, ସାଇବର୍ ଅପରାଧ୍ ସହେତେ ଭିନ୍ ଭିନ୍ ମହିଲା କଲ୍ୟାଣ ପ୍ରସଙ୍ଗଥି ଜଡ଼ିତ୍ ଅଭିଯୋଗ୍‌ମାନ୍‌କର ଶୁଣାଣି ଆଏବା ୬ ତାରିଖ୍‌ଦିନ ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍‌ଙ୍କର୍ ତର୍‌ଫୁ କରାୟିବା । ଭୁବନେଶ୍ୱର ଲକ୍ଷ୍ମୀସାଗର ନ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ କାର୍ଯ୍ୟାଳୟ ନ ଦିନର ୧୦ ବଜେନୁ ଶୁଣାଣି ମୁଲ୍ ହେବା ।

ଅଭିଯୋଗ୍ କର୍‌ବାର୍‌କେ ଚାହୁଁଥିବା ମହିଳାମାନେ ନିଜର ଅଭିଯୋଗ ସଙ୍ଗେ ଧାରିଜ୍ ଜାଗାରେ ପୁହୁଁଚିବାର୍‌କେ ଆୟୋଗ୍ ତରଫୁ କୁହାଯାଇଛେ ।

ବିଶ୍ୱ ବନ୍ୟପ୍ରାଣୀ ଦିବସ ଆର୍‌ଏନ୍‌ୟୁ/ କଟକ

ବନ୍ୟପ୍ରାଣୀ ଆଉ ବନ୍ୟ ଜୀବନ୍‌ର ସୁରକ୍ଷା ଦିଗେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛେ । ପୁର୍‌ଥିର୍ ସୁରକ୍ଷା ଦିଗେ ବନ୍ୟଜନ୍ତୁ ଆଉ ବନ୍ୟଜୀବନ୍‌ର ଭୂମିକାକେ ନଜର୍‌ଥି ରଖିକରି ମିଳିତ ଜାତିସଂଘ ତରଫୁ ଫି ବଛର୍ ମାର୍ଚ୍ଚ ୩ ତାରିଖ୍‌କେ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ଔଷଧିୟ ସୁଗନ୍ଧିତ ଉଦ୍ଭିଦ: ସ୍ୱାସ୍ଥ୍ୟ, ଐତିହ୍ୟ ଆଉ ଜୀବିକା ସଂରକ୍ଷଣ' । ବନ୍ୟଜନ୍ତୁ ଆଉ ବନ୍ୟଜୀବନ୍‌ର ପରିବେଶ୍, ଅର୍ଥନୈତିକ ଆଉ ସାଂସ୍କୃତିକ୍ ଗୁରୁତ୍ୱ ଉଜାଗର କର୍‌ବାର୍ ସହେତେ ବିଲୋପନକେ ଆଏତ୍ କର୍‌ବାର୍ ଲାଗି ସାରା ପୁର୍‌ଥି ନ ଆଏଜ

ସରକାରୀ ଆଉ ବେସରକାରୀ ସ୍ତରୁ ଭିନ୍ ଭିନ୍ କାର୍ଯ୍ୟକ୍ରମ ଆୟୋଜନ୍ କରାଯାଉଛେ ।

ବିଶ୍ୱ ଶ୍ରବଣଶକ୍ତି ଦିବସ ଆର୍‌ଏନ୍‌ୟୁ/ କଟକ୍

ଶ୍ରବଣ ବାଧିତ ମାନ୍‌କୁ ସ୍ୱତନ୍ତ୍ର ଶିକ୍ଷା ଆଉ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୁଗେଇ ଦେବାର୍ ସହେତେ ଜନସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟରୁ ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଶ୍ରବଣଶକ୍ତି ଦିବସ୍ ଭାବେ ପାଲନ୍ କରାଯାଉଛେ । ବଧିରତାକେ ରୁକ୍‌ବାର୍, ଚିକିତ୍ସା ଆର୍ ତାର୍ ପ୍ରତିକାର୍ କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ମିଲିତ୍ ଜାତିସଂଘର୍ ନିଷ୍ପତି ଅନ୍‌ସାରେ ଫି’ ବଛର୍ ମାର୍ଚ୍ଚ ମାସର୍ ୩ ତାରିଖ୍ ଇ ଦିବସ୍ ପାଲନ୍ କରାଯାଉଛେ । ଗୁଟେ ରିପୋର୍ଟ ଅନ୍‌ସାରେ ସାରା ପୁରୁଥି ନ ୭୦ ନିୟୁତ ନୁ ଅଏତ୍‌କା ଲୋକ୍ ଆଂଶିକ୍ ନାହେତ ପୁରାପୁରି ବଧିରତାର ଶିକାର୍ ହେଇଛନ୍ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ନ ହେଇଥିବା ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଖେଲାଳିମାନେ ଚମତ୍କାର ପ୍ରଦର୍ଶନ୍ କରିଛନ୍ । ବିଶ୍ୱବିଦ୍ୟାଳୟ ଦଲ୍ ୯ଟା ଖେଲ୍ଥି ପହେଲାଠାନେ ରହିକରି ଚମ୍ପିଆନ୍ ହେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଶୁଖା ରହେବା । ସମୁଦ୍ର ଖଣି ଆଉ ଭିତ୍ରିଆ ଇଲାକାନ ଦିନର ତାପମାତ୍ରା ୩୫ ଡିଗ୍ରୀ ଉପ୍ରେ ରହିଥିଲା ବେଲ୍କେ ଝାରସୁଗୁଡ଼ା ନ ରାଜ୍ୟର ସବୁନୁ ଜହ ତାତି ରେକର୍ଡ କରାଯାଇଥିଲା । ଆଏବା ୫ ଦିନ୍ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।